vaishnavi
CORPORATE COMMUNICATIONS



| | | | |
|---|---|---|---|
| **Publication:** | Odisha Bhaskar | TCS | |
| **Edition:** | Bhubaneswar | | |
| **Date:** | 23, August 2011 | | |
| **Page:** | 04 | | |



# ସେପ୍ଟେମ୍ବର ୬ରୁ ଆରମ୍ଭ ହେବ ଟିସିଏସ୍ ଆଇଟି ୱିଜ୍-୨୦୧୧

ଭୁବନେଶ୍ବର,(ଆ.ପ୍ର): ଦେଶର ଅଗ୍ରଣୀ ଆଇଟି କମ୍ପାନୀ ଟାଟା କନ୍‌ସଲଟାନ୍ସୀ ସର୍ଭିସେସ୍ (ଟିସିଏସ୍), ଏହାର ଭୁବନେଶ୍ବର ଏଡିସେନ୍ ଟିସିଏସ୍ ଆଇଟି ୱିଜ୍ ସେପ୍ଟେମ୍ବର ୬ରୁ (ମଙ୍ଗଳବାର) ପାଲହାଇଟ୍ ଜୟଦେବ ବିହାର ଠାରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରିଛି। ଏହି ଆଇଟି ୱିଜ୍‌ରେ ୮ମ ରୁ ୧୨ ଶ୍ରେଣୀରେ ପଢ଼ୁଥିବା ପିଲାମାନେ ଭାଗ ନେଇପାରିବେ। ଏଥିନିମନ୍ତେ ପ୍ରତିଯୋଗିମାନଙ୍କୁ କୌଣସି ଏଣ୍ଟ୍ରି ଫୀ ଦେବାକୁ ପଡିବ ନାହିଁ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ଅନେକ ସଂଖ୍ୟାରେ ଦୁଇ ଜଣ କରି ସଭ୍ୟ ଲେଖାଏଁ ଦଳ ପଠାଇପାରିବେ। ଟିସିଏସ୍ ଆଇଟି ୱିଜ-୨୦୧୧ର ପ୍ରାନ୍ତୀୟ ରାଉଣ୍ଡ ୧୨ଟି ସହରରେ ଅନୁଷ୍ଠିତ ହେବ ଯଥା, ଏହି ସହରଗୁଡିକ ହେଲା ହାଇଦ୍ରାବାଦ, ଅହମ୍ମଦାବାଦ, ବାଙ୍ଗାଲୋର. ଚେନ୍ନାଇ, କୋଏମ୍ବାଟୁର, ପୁଣେ, କୋଲକାତା, ଭୁବନେଶ୍ବର, କୋଚି, ଲକ୍ଷ୍ନୌ; ଦିଲ୍ଲୀ ଓ ମୁମ୍ବାଇ। ପ୍ରତ୍ୟେକ ପ୍ରାନ୍ତୀୟ ରାଉଣ୍ଡ ପରେ ଡିସେମ୍ବର ମାସରେ ଜାତୀୟ ସ୍ତରରେ ଫାଇନାଲ ଅନୁଷ୍ଠିତ ହେବ। ଏହି ଫାଇନାଲ ରାଉଣ୍ଡରେ ୧୨ଟି ପ୍ରାନ୍ତୀୟ ରାଉଣ୍ଡର ଦଳ ଭାଗ ନେବେ। ଏଥି ନିମନ୍ତେ ଇଚ୍ଛୁକ ପ୍ରତିଯୋଗିମାନେ ତାଙ୍କ କଲେଜ ମାଧ୍ୟମରେ ସେପ୍ଟେମ୍ବର ୨ କିମ୍ବା ଏହା ପୂର୍ବରୁ ଟିସିଏସ ଆଟି ୱିଜ୍ କୋଡିନେଟର୍, ଟାଟା କନସଲଟାନ୍ସି ସର୍ଭିସେସ୍, ଆଇଟି/ଆଇଟିଇଏସ୍, ସ୍ପେଶାଲ ଇକୋନୋମିକ୍ ଜୋନ୍, ପ୍ଲଟ୍ ନଂ ୩୫, ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଭୁବନେଶ୍ବର-୭୫୧୦୨୪ ଠକଣାରେ ଆବେଦନ କରିପାରିବେ। ଏହା ସହିତ ଶିକ୍ଷାନୁଷ୍ଠାନଗୁଡିକ www.tcsitwiz.comରେ ଅନ୍‌ଲାଇନ୍ ରେଜିଷ୍ଟ୍ରେସନ୍ କରିପାରିବେ।



By: Vaishnavi - BIU Team